# ତହସିଲ କାର୍ଯ୍ୟାଳୟ, ଗଁଦିଆ

**ସଂଖ୍ୟା: 3012 /ତାରିଖ - 27.07.2020**

## ଲଘୁ ଖଣିଜ ନିଲାମ ତାରିଖ ମୁଲତବୀ ଇସ୍ତାହାର

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଗଁଦିଆ ତହସିଲ, ଜିଲ୍ଲା: ଢେଙ୍କାନାଳ ଅନ୍ତର୍ଗତ ଲଘୁ ଖଣିଜ ଖଦାନ ଗୁଡିକର ଆସନ୍ତା ୫ (ପାଞ୍ଚ) ବର୍ଷ ଅର୍ଥାତ୍ (୨୦୨୦-୨୧ ରୁ ୨୦୨୪-୨୫) ଆର୍ଥିକ ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ପାଇଁ ତହସିଲଦାର, ଗଁଦିଆଙ୍କ ଦ୍ୱାରା ବିଜ୍ଞାପନ ନଂ. ୨୯୨୬/ ତା.୨୧.୦୭.୨୦୨୦ ଅନୁଯାୟୀ ତା.୨୭.୦୭.୨୦୨୦, ୦୬.୦୮.୨୦୨୦, ଓ ୧୩.୦୮.୨୦୨୦ ରିଖ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଟେଣ୍ଡର ମାଧ୍ୟମରେ ନିଲାମ କରାଯିବା ପାଇଁ ଆହ୍ୱାନ କରାଯାଇଥିଲା ।

ସମ୍ପ୍ରତି ଗଁଦିଆ ଓ ପୋରୁହଖୋଜ ଅଞ୍ଚଳରେ କରୋନା ସଂକ୍ରମଣ ଜନିତ ମହାମାରୀ ରୋକିବା ନିମନ୍ତେ ତଥା ଗଁଦିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟର କେତେକ କର୍ମଚାରୀ କରୋନା ସଂକ୍ରମିତ ହୋଇଥିବାର ଦୃଷ୍ଟିରେ ରଖି ଜିଲ୍ଲାପାଳ, ଢେଙ୍କାନାଳଙ୍କ ଆଦେଶ ସଂଖ୍ୟା : ୬୭୮୧/ତା.୨୬.୦୭.୨୦୨୦ ଏବଂ ସ୍ଥାନୀୟ ପୋରୁହଖୋଜ ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ପତ୍ର ସଂଖ୍ୟା: ୧୨/ ତା.୨୬.୦୭.୨୦୨୦ ରେ କଣ୍ଟେନମେଣ୍ଟ୍ ଜୋନ୍ ଓ ସଟଡାଉନ୍ ଘୋଷଣା କରା ଯାଇଅଛି। ତଦନୁଯାୟୀ ବିହିତ ପଦକ୍ଷେପ ସ୍ୱରୂପ ଟେଣ୍ଡର ଖୋଲାଯିବା ନିମନ୍ତେ ଧାର୍ଯ୍ୟ କରାଯାଇଥିବା ଉପରୋକ୍ତ ତାରିଖ ଗୁଡିକ ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା ।

ପରବର୍ତ୍ତୀ ନିଲାମ ତାରିଖ ଯଥେଷ୍ଟ ସମୟ ପୂର୍ବରୁ ଇସ୍ତାହାର ମାଧ୍ୟମରେ ଜଣାଇ ଦିଆଯିବ।

୨୭.୦୭.୨୦୨୦.

ତହସିଲଦାର, ଗଁଦିଆ